ଓଡ଼ିଆ ଇ-ପତ୍ରିକା

ଶୁଭପଲ୍ଲବ

୨୩ଶ ସଂସ୍କରଣ



୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ **୨୨ଟି ଯାକ** ସଂସ୍କରଣର ଲେଖା ସହ ଏବେ ଆମେ **ଆମର ୱେବ୍‌ସାଇଟ୍** ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ **ୟୁ-ଟ୍ୟୁବ୍**‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । ପ୍ରତ୍ୟେକ ମାସର **୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ

Odia Website: shubhapallaba.in
WhatsApp: 7008899643



ସଂଗ୍ରାମ କେଶରୀ ସେନାପତି
(ସମ୍ପାଦକ)



ତାପସ ରଞ୍ଜନ
(ସମ୍ପାଦକ)

ସମ୍ବିତ ଦାସ
(ପ୍ରଚ୍ଛଦଚିତ୍ର)

ବିଶେଷ ସୂଚନା

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ ବିନିଯୋଗ ପାଇଁ ଅର୍ଥ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛି, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତୁ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣଙ୍କର ମାନଙ୍କର ସହଯୋଗରେ ଯେପତି ଶୁଭପଲ୍ଲର ପତ୍ରିକା ଓ ପୋର୍ଟୋଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।

ପୂର୍ବ ସଂସ୍କରଣ ଭଳି ଆଗାମୀ ସଂସ୍କରଣଗୁଡ଼ିକରେ ସମ୍ପାଦକଙ୍କ ପସନ୍ଦର କିଛି ଟୁଇଟ୍‌କୁ ସ୍ଥାନିତ କରାଯିବ; ଏଥର ସୌମ୍ୟା ପରିଡ଼ାଙ୍କର ପ୍ରକାଶ ପାଇଛି ।

- ସଂଚାଳକ ପରିଷଦ



ଦୀପକ ଷଡ଼ଙ୍ଗୀଙ୍କ

ୟୁ-ଟ୍ୟୁବ୍ ଚେନାଲ୍‌ରେ

ଶୁଣିପାରିବେ ମନଛୁଆଁ

ହିନ୍ଦୀ/ଓଡ଼ିଆ ଗୀତର

ଗୀଟାର୍ ବାଦନ

SUBSCRIBE NOW

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ	ତାପସ ରଞ୍ଜନ	୬
୨	ଶ୍ରୀ ରାଧା	ନିରୁପମା ହୋତା	୮
୩	କେଉଁ ପୂଣ୍ୟ ବଳ ପାଇଁ?	ମନୋରଞ୍ଜନ ସୁରୁଜାଲ	୯
୪	ଗଳ୍ପକାନ୍ତି-୨	ଚନ୍ଦ୍ରକାନ୍ତି ପ୍ରଧାନ	୧୦
୫	ଶୀତ	ରାମ ଚନ୍ଦ୍ର ପ୍ରଧାନ	୧୬
୬	ପ୍ରେମ ସୁଧା ବାରି	ଆଶୁତୋଷ ମେହେର	୧୭
୭	ଦେବ କି ଅନୁମତି?	ରାଜେଶ ରଥ	୧୮
୮	କଥାଟିଏ କହୁଁ... କଥାଟିଏ	ମନୋଜ ତ୍ରିପାଠୀ	୨୦
୯	ପୂଣ୍ୟର ପ୍ରଭାବ	ଗୁପ୍ତେଶ୍ୱର ଚାନ୍ଦ୍	୨୩
୧୦	ନିଶିର ଚିଠି	ସୋନାଲି ସୁଚରିତା	୨୬
୧୧	ଇଚ୍ଛା	ରଶ୍ମୀବାଳା ଶତପଥୀ	୨୭
୧୨	ନାରୀ	ସୁନିତା ପଟେଲ	୨୮
୧୩	ସନ୍ଧ୍ୟା	ସରୋଜ କୁମାର ସାହୁ	୨୯
୧୪	ବିରହର ଦହମରେ	ପ୍ରଶାନ୍ତ ପ୍ରଧାନ	୩୦
୧୫	ଏଇତ ଜୀବନ ପଥ	ବୈବସ୍ୱତ ନାଏକ	୩୧
୧୬	ବାସ ! ସବୁ ଶେଷ...	ସୁଧାଂଶୁ ଶେଖର ଦ୍ୱିବେଦୀ	୩୩
୧୭	ବାୟାଣୀ	ସ୍ୱରୂପ ଚନ୍ଦ୍ର ବାରିକ	୩୫
୧୮	ଫୁଲକୋବି-ପାଳଙ୍ଗ ବେସର	ତାପସ ରଞ୍ଜନ	୩୭
୧୯	ସମ୍ପର୍କର ଉଷ୍ମତା	ମାନସ ରଞ୍ଜନ ନାୟକ	୩୮
୨୦	ଏଣୁତେଣୁ	ସୌମ୍ୟା ପରିଡ଼ା	୩୯

ଓଡ଼ିଆ, ଇଂରାଜୀ ତଥା ହିନ୍ଦୀ ଭାଷାରେ ଛୋଟ ଛୋଟ କୋଟ୍ ଏବେ ଶୁଭପଲ୍ଲବ କୋଟ୍ ଆପ୍ କିମ୍ବା ୱେବ୍‌ସାଇଟ୍‌ରେ ପଢ଼ିପାରିବେ ।
quotes.shubhapallaba.in

ସମ୍ପାଦକୀୟ...

ଗୁରୁକୂଳରୁ ସଦ୍ୟ ଶିକ୍ଷା ସମାପ୍ତ କରି ସ୍ୱଗ୍ରାମକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ଜନୈକ ନବ ଯୁବକ । ମନରେ ଅଫୁରନ୍ତ ଆନନ୍ଦ ଓ ଉତ୍ସାହ । ନିଜର ନିଷ୍ଠା ଓ କଠିନ ଅଧବସାୟ ବଳରେ ଗୁରୁଙ୍କଠାରୁ ସମସ୍ତ ଶିକ୍ଷା ଆୟତ୍ତନ କରି ନିଜକୁ ସ୍ୱୟଂସମ୍ପୂର୍ଣ୍ଣ ମନେ କରୁଥାନ୍ତି ସେ । କାହିଁକି ବା ନ କରନ୍ତେ ! ଆଖପାଖ ପନ୍ଦର ସରି ଗ୍ରାମରେ ଗୁରୁକୂଳ ପରି ପ୍ରତିଷ୍ଠିତ ଅନୁଷ୍ଠାନରୁ ଶିକ୍ଷାଗ୍ରହଣ କରିଥିବା ତାଙ୍କ ପରି ଉଚ୍ଚ ଶିକ୍ଷିତଟିଏ ଅନ୍ୟକେହି ନଥିଲେ ଯେ !! ଦିନେ ଏମିତି ଗ୍ରାମ୍ୟ ଭ୍ରମଣରେ ବହାରିଥାନ୍ତି ସେ । ମନରେ ଗର୍ବ ଥାଏ କି ତାଙ୍କପରି ଉଚ୍ଚଶିକ୍ଷିତ ବିଦ୍ୱାନଙ୍କୁ ଦେଖି ସମସ୍ତେ ନତ ମସ୍ତକ ହେବେ;ତାଙ୍କୁ ସମ୍ମାନ ଜଣେଇବେ । କିନ୍ତୁ ସେପରି କିଛି ହେଲାନାହିଁ । ବରଂ ଯେଝା କାମରେ ଯିଏ ବ୍ୟସ୍ତ ରହିଲେ । ନବଯୁବକଙ୍କୁ ଏକଥା ବ୍ୟଥିତ କରୁଥାଏ । କ୍ରମେ ତାଙ୍କର ଏ ବ୍ୟଥା କ୍ରୋଧରେ ପରିଣତ ହେବାକୁ ଲାଗିଲା । କ୍ରୋଧ ପରବଶ ସେ ସାମାନ୍ୟ ସାମାନ୍ୟ କଥାରେ ବିରକ୍ତ ହେବାକୁ ଲାଗିଲେ ଓ ଟିକେ ଚ୍ୟୁତି ବିଚ୍ୟୁତି ପାଇଁ ଚିଡ଼ି ଚିଡ଼ି ହେବାକୁ ଲାଗିଲେ । ଏହାର ପ୍ରଭାବ ତାଙ୍କ ପରିବାର ତଥା ସମାଜ ଉପରେ ମଧ୍ୟ ପଡ଼ିବାକୁ ଲାଗିଲା । ଫଳ ସ୍ୱରୂପ ତାଙ୍କୁ ଯିଏ ଦେଖୁଥାଏ ବାଟ ଭାଙ୍ଗି ଅନ୍ୟ ରାସ୍ତାରେ ଚାଲିଯାଉଥାଏ । ପରିସ୍ଥିତି ଏପରି ହେଲାଯେ, ରାତ୍ରିରେ ଉତ୍ତମ ନିଦ୍ରା ମଧ୍ୟ ହେଲନାହିଁ । କିଛିଦିନ ଉପରାନ୍ତେ ନିକଟ ଗ୍ରାମକୁ କୌଣସି କାର୍ଯ୍ୟ ସମ୍ପାଦନା କରିବା ନିମିତ୍ତ ଗୁରୁଦେବ ତାଙ୍କ ଶିଷ୍ୟମାନଙ୍କ ସହ ସେହି ଗ୍ରାମ ହୋଇ ଯାଉଥାନ୍ତି । ଖବର ପାଇ ନବ ଯୁବକ ଜଣକ ଅଣନିଶ୍ୱାସୀ ଧାଇଁଲେ ଗୁରୁଦେବଙ୍କ ନିକଟକୁ । ଉଦ୍ଦେଶ୍ୟ ତାଙ୍କୁ ଏ ବିଷମ ପରିସ୍ଥିତିରୁ ଉଦ୍ଧାର କରିବା ।

ଗୁରୁଙ୍କ ଚରଣ କମଳରେ ନିଜକୁ ସମର୍ପଣ କରି ଅତି ବିକଳ ଭାବରେ ରୋଦନ କରନ୍ତେ ଗୁରୁ ସେଥିର କାରଣ ଜିଜ୍ଞାସା କଲେ । ଗୁରୁଦେବ ସମସ୍ତ ବୃତ୍ତାନ୍ତ ଶ୍ରବଣ ଉପରାନ୍ତେ ଦୁଇବାହୁ ଧରି ଉଠାଇଲେ ଏବଂ ସସ୍ନେହ ନିଜ ପାଖରେ

ବସାଇଲେ ଏବଂ ସ୍ମିତହାସ୍ୟର କ୍ଷୀଣ ରଶ୍ମିଟିଏ ଆଙ୍କି କହିଲେ - "ବତ୍ସ ! ତୁମ ମନରେ ଗୁରୁକୂଳରେ ଶିକ୍ଷା ଗ୍ରହଣ କରିବାର କ୍ଷୁଦ୍ର ଅହଙ୍କାରଟିଏ ଉତ୍ତମ ବାତାୟନ ପାଇ ମହାଦ୍ରୁମରେ ପରିଣତ ହୋଇ ସାରିଛି । ତୁମ ଦୁଃଖର କାରଣ ସେହି । ସମ୍ମାନ କାହାଠାରୁ ଜୋରକରି ଆଦାୟ କରାଯାଏନା । ଏହାକୁ କୌଣସି ମୂଲ୍ୟଦେଇ ମଧ୍ୟ କ୍ରୟ କରାଯାଇ ପାରେନା । ଏହାକୁ ଅର୍ଜନ କରିବାକୁ ହୁଏ ନିଜର ଉତ୍ତମ ଆଚାର, ବିଚାର ଏବଂ ବ୍ୟବହାର ବିନିମୟରେ । ଅର୍ଜିତ ଜ୍ଞାନର ସତ ବିନିଯୋଗ କରି ଜଗତର କଲ୍ୟାଣ ନିମିତ୍ତ କରାଯାଉଥିବା କାର୍ଯ୍ୟଦ୍ୱାରା ମଧ୍ୟ ଏହାକୁ ଆୟତ୍ତ କରାଯାଇ ପାରେ । ଅତଃ ଗୁରୁକୂଳରୁ ଶିକ୍ଷାଲାଭ କରିଥିବା ଜ୍ଞାନକୁ ସତ ପଥରେ ଜଗତର ମଙ୍ଗଳ ପାଇଁ ବିନିଯୋଗ କରିଚାଲ । ତାହା ତୁମକୁ ଅସୀମ ଶାନ୍ତି ପ୍ରଦାନ କରିବ; ଯାହାର ମୂଲ୍ୟ ଏ ପାର୍ଥିବ ସମ୍ମାନଠାରୁ ଯଥେଷ୍ଟ ଅଧିକ ।" ଗୁରୁଙ୍କର ସ୍ନେହୋଚିତ ବାଣୀରେ ନବ ଯୁବକଙ୍କ ମନରୁ ସମସ୍ତ କାଳୀମା ଅପସରିଗଲା, ଯୁବାରୁଣଙ୍କ ଉଷ୍ମ କିରଣରେ ସକାଳର ଘନ କୁହୁଡ଼ି ଅପସରି ଗଲାପରି ।

ବସନ୍ତ ପଞ୍ଚମୀର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହ
ଜୟ ଜଗନ୍ନାଥ !!!







ଫେରିବାର ପଥ ଭୁଲିକି ଗଲ ଗୋବିନ୍ଦ
ଗୋପର ଗୋପୀ ଗୋପାଳ ଝୁରୁଛି ରାଧିକା
ଝୁରୁଛି କଦମ୍ବ ଝୁରୁଛି ଯମୁନା ଜଳ
ଯେଣେ ଅନଉଛି ଲଳନା ଦେଖେ କଳା ଶ୍ରୀମୁଖ
ଭାବୁକ ଲାଗଇ ତାହାକୁ ଅବନୀ ଆକାଶ
ନବ ଦୁର୍ବାଦଳ ନିଷ୍ପ୍ରଭ ଦିଶିଲା ନପାଇ କୃଷ୍ଣ ପରସ
ଛନ୍ଦ ହରା ହେଲେ ଗୋପର କାମିନୀ
ଦିଗହରା ହେଲା ପିକ
ଗୋଧୂଳି ଲଗନେ ନଦିଶେ ପ୍ରେମ ପିୟୁଷ
ମେଘର ମାହ୍ଲାରରେ ହଜିଗଲା ପରେ ଚାନ୍ଦ
ଶ୍ୟାମ ଘନ ବଂଶୀ ସ୍ୱନ ଫେରି ଆସ ଥରେ ଗୋପ ଭୁବନ
ଭାବମୟ୍ ହଉ ଏ ବୃନ୍ଦାବନ
ନୁପୂର ଛନ୍ଦରେ ମଧୁର ପ୍ରେମରେ ସୁଲଳିତ ବଂଶୀ ସ୍ୱନ

- ନିରୁପମା ହୋତା



କେଉଁ ପୂଣ୍ୟ ବଳ ପାଇଁ?

ମନୋରଞ୍ଜନ ସୁରୁଜାଲ

Photo: Bijay Biswaal

ନୀଳ ତରଙ୍ଗରେ ପୁଲକିତ ମନ
ସ୍ୱର୍ଗେ ମତ୍ତ ମଧୁ ଅଳି,
ଛନ୍ଦା ଚରଣରେ ଲୟ୍ କରି ଧ୍ୟାନ
ତୁମ ପ୍ରେମେ ମୁଁ ପାଗଳି ।

କିଏ କିଣିପାରେ ମନକୁ ମୋହର
ତୁମେ ମୋ ମନ ମୋହନ,
ଯୁଗଳ ପାଦକୁ ଥାପିଦେଇ ପ୍ରଭୁ
ଧନ୍ୟ କରିଛ ଜୀବନ ।

ତଡ଼ାଗ ଗଭାରେ ହସେ ନିରଳସ
ନୀଚ କୁଳ ଗୋତ୍ର ଜାଣି,
ପଉଷ କାକର ସରଇ ଆୟୁଷ
ଶୀତ ଯେହ୍ନେ ସଉତୁଣୀ ।

ପଙ୍କରୁ ଜନମ କାହିଁ ପୂଣ୍ୟ କର୍ମ
ତଥାପି ଆଶୀଷ ଧାରା,
ପତିତ ପାବନ ଅଙ୍ଗ ଅବୟ୍ୱବ
ନାମେ ଯୋଡ଼ା ଦେହ ସାରା ।

ନରକ ଯନ୍ତ୍ରଣା ଭୋଗେ ଏ ଜୀବନେ
ପଙ୍କରୁ ଜନମ ପାଇ,
ତୁମ ଶ୍ରୀପୟ୍ୟର ଅଙ୍ଗ ସଙ୍ଗ ଘେନି
ସବୁ ପାପ ଯାଏ ଧୋଇ ।

କର୍ମ ଫଳ ଯୋଗୁଁ କରୁଅଛି ଭୋଗ
କେଉଁ ପୂଣ୍ୟ ବଳ ପାଇଁ?
ଜନ୍ମ ଜନ୍ମାନ୍ତର ମୋ ସଙ୍ଗରେ ଭାବ
ଯୋଡ଼ିଛ ହେ ଗୋସାଇଁ ।

- ମନୋରଞ୍ଜନ ସୁରୁଜାଲ



ଗଳ୍ପକାନ୍ତି-୨

ଚନ୍ଦ୍ରକାନ୍ତି ପ୍ରଧାନ

ରବିବାର ରାତିରେ ସୁଖନିଦ୍ରା ସ୍ୱପ୍ନ ବୋଧେ ମୋ ପାଇଁ । ଯେତେ ଚେଷ୍ଟା କଲେ ମଧ୍ୟ ରାତି ୧ଟା ନହେବା ଯାଏ ଆଖିକୁ ନିଦ ଆସିବନି । ହେଲେ କାହିଁକି କେଜାଣି ବହୁତ ନିଦ ଲାଗିଲା ସେଦିନ । ବୋଧେ ୧୧ଟା ପୂର୍ବରୁ ଶୋଇଯାଇଥିଲି । "ଏ ଉଠ ବେ ସବୁ... ଡ୍ୟୁଟି ଯିବନି କି ଆଜି??" ନିଦପ୍ରେମୀ ମୋର ପ୍ରିୟ ବାନ୍ଧବୀ ପାଟିକରି ଡାକିବାରୁ, ଧଡ଼ପଡ଼ ହୋଇ ଉଠିବସିଲି ମୁଁ । ଶୀତରାତିର ବାସୀ ଶେଜକୁ ଏତେ ସକାଳୁ ତ୍ୟାଗ କରିବାକୁ ସତରେ ମୁଁ ଅପ୍ରସ୍ତୁତ ଥିଲି । ବିଲକୁଲ ଇଚ୍ଛା ନଥାଏ ଡ୍ୟୁଟି ଯିବାକୁ । ହେଲେ ମସ୍ତିଷ୍କର ଶିଖିବାର ନିଶା ହିଁ ସେହି ଇଚ୍ଛାକୁ ବୁଝାଇ ସୁଝାଇ ହୃଦୟରେ ଶୁଆଇ ଦେଲା ପୂର୍ବପରି । ନିତ୍ୟକର୍ମ ପରେ ଆପ୍ରୋନର ବୋତାମ ଦେଉଥାଏ; "ଏ ଚନ୍ଦୁ, ନେ ନେ ୟୁପିନ୍ ଗୁଡ଼ାକ ଜଲଦି ମୋର ଖୋସା କରିଦେ ତ ।" ପାଖବେଡ଼ରୁ ବାନ୍ଧବୀ ବ୍ୟସ୍ତ ହୋଇ ଡାକିଲେ । ତରତରରେ କଲେଜ ଆଇଡି କାର୍ଡ଼କୁ ବେକରେ ପକାଇ ମୁଁ ତାଙ୍କୁ ବଡ଼ବଡ଼ ଆଖିକରି ଚାହିଁବାରୁ ପୁଣି ଉତ୍ତର ଆସିଲା, "କଅଣ ହାଁ??? ଆସେ ଆସେ ପ୍ଲିଜ୍ ।" ଏଥର ସ୍ନେହଭରା ସ୍ୱରରେ କହିଲି, "ବହୁତ ଡେରି ହେଲାଣି ପାୟଲ, ଚାଲ୍ ଜଲଦି ବସରେ ତୋ'ର ଖୋସା କରିଦେବି ।" ଏତକ କହି ହଷ୍ଟେଲର ୮୪ଟା ପାହାଚ ଓହ୍ଲାଇ ଏକା ମୁହାଁ ହୋଇ ଦୌଡ଼ିଲି ବସ ପାଖକୁ । ମୋ ପଛେ ପଛେ ପାୟଲ ଆସି ବସରେ ଚଢ଼ିଲା । ତା'ର ଖୋସା କରିସାରି ମୁଁ ହସି କହିଲି, "ପ୍ରଥମଥର ଆମେ ସାଙ୍ଗ ହୋଇ ଡ୍ୟୁଟି କରିବା ଗୋଟିଏ ୱାର୍ଡ଼ରେ । ହାଓ ଇଜ ଦ ଜୋସ ଦିଦି??"

- ହା ହା ହା ହା ପୂରା ହାଇ ଚନ୍ଦୁ !

ପୁରୁଣା ମେଡ଼ିସିନ୍ ଗ୍ରାଉଣ୍ଡ ଫ୍ଲୋର୍‌ରେ ମୋର ଡ୍ୟୁଟି ଥିଲା । କଥାଥିଲା ଗୋଟିଏ ପାର୍ଶ୍ୱ ବାନ୍ଧବୀ ସମ୍ଭାଳିବେ ଓ ଅନ୍ୟଟି ମୁଁ । ୱାର୍ଡ଼ରେ ପହଞ୍ଚି ଦେଖିଲୁ ମାତ୍ର ଚାରିଜଣ ରୋଗୀ ଅଛନ୍ତି । ବାକି ବେଡ୍ ଖାଲିପଡ଼ିଥାଏ । ରାଜ୍ୟର ସବୁଠୁ ବଡ଼ ସରକାରୀ ଚିକିତ୍ସାଳୟରେ ବାରଣ୍ଡା ମଧ୍ୟ ଖାଲି ରହିବାର କୌଣସି ୱାର୍ଡ଼ରେ କେବେ ଦେଖିନଥିଲି ମୁଁ । ଆଉ ମେଡ଼ିସିନ୍ ୱାର୍ଡ଼ରେ ବେଡ୍ ଖାଲି ରହିବା ସ୍ୱପ୍ନ ବୋଧହୁଏ । ୱାର୍ଡ଼ଦିଦି କହିଲେ ଆଜି ଟିକେ ଶାନ୍ତି ଲାଗୁଛି କମ୍ ପେସେଣ୍ଟ ଅଛନ୍ତି ବୋଲି । କାଲି ଆଡ଼ମିସନ୍ ଅଛି ପୁଣି ଗହଳି ହୋଇଯିବ । ଚେୟାରରୁ ଉଠି ମୁଁ ୱାର୍ଡ଼ ଭିତରକୁ ଆସିଲି । ଦୁଇତିନି ଜଣ ପ୍ରାପ୍ତ ବୟସ୍କ ବ୍ୟକ୍ତି ଖାଲିଥିବା ବେଡ୍ ଉପରେ ବସି କଥାବାର୍ତ୍ତା ହେଉଥାନ୍ତି । ତାଙ୍କ ସାମ୍ନା ବେଡ୍ ଉପରେ ନିସ୍ତେଜ ହୋଇ ପଡ଼ିଥିଲେ ଜଣେ ରୋଗୀ । ନାକରେ ଅମ୍ଳଜାନ ନଳୀ ଖଞ୍ଜା ଯାଇଥାଏ । ନିଶ୍ୱାସ ପ୍ରଶ୍ୱାସ ସବୁ ନିର୍ଭର କରୁଥିଲା ତାଙ୍କ ବେଡ୍‌ପାଖକୁ ଲାଗି ରଖାଯାଇଥିବା ଅକ୍ସିଜେନ ସିଲିଣ୍ଡର ଉପରେ । ମତେ ଦେଖି ବସିଥିବା ତିନିଜଣ ଭଦ୍ର ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ଉଠି ଆସି ପଚାରିଲେ, "ଝିଅ ! ସାର୍ କେତେବେଳେ ଆସିବେ??"

- "ମୁଁ ତ ଆଜି ନୂଆ ଏହି ୱାର୍ଡ଼ରେ । ଠିକ୍‌ରେ ଜାଣିନି ମଉସା, ହେଲେ ଏବେ ତ ୧୦ଟା ବାଜିଲାଣି ରାଉଣ୍ଡରେ ଆସିଲାବେଳକୁ ୧୧ଟା ହୋଇଯିବ ବୋଧେ ।"

- "ସେଇ ଯୋଉ ଚନ୍ଦା ହେଇକି ଜଣେ ବଡ଼ ସାର୍ ଆସନ୍ତି ସେଇ ସାର୍‌ଙ୍କ ସାଙ୍ଗ ଇଏ ।" ରୋଗୀଙ୍କ ଆଡ଼କୁ ଅନାଇ ସେ ମଉସା କହିଲେ ।

ଆଚ୍ଛା, ସାଲାଇନ ସରିଯିବାର ଦେଖି ମୁଁ ରେଗୁଲେଟର୍ ମୋଡ଼ି ସାଲାଇନ ବନ୍ଦ କରିଦେଲି । ପଚାରିଲି ତାଙ୍କର କ'ଣ ହେଉଥିଲା ମଉସା? ହସ୍ପିଟାଲ ଆସିବାର ଆଜିକୁ କେତେଦିନ ହେଲାଣି??

- "ତାଙ୍କ ମୁଣ୍ଡ ଭିତରେ କ'ଣ ହୋଇଛି କେଜାଣି?? ସେ ଚାଲିପାରୁନାହାନ୍ତି କଥା ବି କହୁନାହାନ୍ତି । ଏଠାରେ କାଲି ରାତି ବାରଟାରେ ପହଞ୍ଚିଲୁ । କାଜୁଆଲିଟିରେ ଥିଲେ ସେ ଆଜି ସକାଳୁ ଏଇ ୱାର୍ଡ଼କୁ ସେଇ ସାର ଆଣିଛନ୍ତି ।"

- "ସେ ଆପଣଙ୍କର କ'ଣ ହେବେ ମଉସା??" ମୁଁ ଜାଣିବା ପାଇଁ ପଚାରିଲି ।

- "ସେ ଆମର କେହି ନୁହଁନ୍ତି । ଆମେ ତାଙ୍କ ଘର ପାଖ ଲୋକ । ଏ ସାର୍ ଜଣେ ଭଲଲୋକ । ଆର୍ମିରେ ଚାକିରି କରି ଦେଶସେବା କରୁଥିଲେ । ସାତ ଆଠ ବର୍ଷ ହେବ ରିଟାର୍ଡ଼ ହୋଇଥିଲେ । ବଡ଼ଘର ତ; ସାରଙ୍କ ଭାଇମାନେ ପଇସାପତ୍ର ଦେଇ ଆମକୁ ତାଙ୍କ ସାଙ୍ଗରେ ପଠାଇଛନ୍ତି ।"

ପାଖରେ ବାନ୍ଧବୀ ଆସି ଛିଡ଼ା ହୋଇଥିଲେ । ତାଙ୍କ ଘର ବାଲେଶ୍ୱର ଜାଣିବା ପରେ ବାନ୍ଧବୀ ଆହୁରି ଖୁସି ହୋଇ ନିଜ ଜନ୍ମଭୂମି ବିଷୟରେ କଥାବାର୍ତ୍ତା ହେଲେ ମଉସାଙ୍କ ସହ । ମୁଁ ମଉସାଙ୍କ ମୁହଁରୁ ନିଜ ଆଖି ଫେରାଇ ଆଣି ଚାହିଁଲି ହସ୍ପିଟାଲର କଳଙ୍କିଲାଗିଥିବା ପୁରୁଣା ଖୋଲା ଝରକା ବାହାରକୁ । ଦେଖୁଥାଏ ଲୁହା ବାରିକେଟ ଉପରେ ଶୁଖାଇଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କର ଲୁଗାପଟା ସବୁ ପବନରେ କେମିତି ଉଡୁଛି । ରାସ୍ତା ସେପଟର ଆକ୍ସିସ୍ ବ୍ୟାଙ୍କ ପାଖରେ ବହୁତ ଠେଲାପେଲା ଚାଲିଛି । ହାତରେ ରକ୍ତକାଚ ଅତି ଯତ୍ନର ସହ ଧରି ଆଞ୍ଚଳିକ କେନ୍ଦ୍ରକୁ ଧାଡ଼ି ଲମ୍ବିଛି ଲୋକମାନଙ୍କର । ମୁଁ କିନ୍ତୁ ଟାଇଲରେ ନିର୍ମିତ ଚଟାଣ ଉପରେ ଛିଡ଼ା ହୋଇ ଚୁପ୍ ହୋଇଯାଇଛି । ଯେଉଁ ଲୋକ ତା'ର ଜୀବନ କାଳକୁ ଦେଶ ସେବାରେ ନିଜକୁ ସମର୍ପି ଦେଇଥିଲା ତା' ସାଙ୍ଗରେ ନିଜଲୋକ ଜଣେ ଆସିନାହିଁ?? କେତେ ସ୍ୱାର୍ଥପର ହୋଇପାରନ୍ତି ଏ ନିଜଲୋକମାନେ?? ଭାଇ ଏଠି ଭାଇର ନୁହେଁ, ମାଆ ଏଠି ପୁଅର ନୁହେଁ, କେହି କାହାର ନୁହଁନ୍ତି ଏ ସଂସାରରେ । ସମସ୍ତେ ନିଜ ନିଜର ସ୍ୱାର୍ଥ ପାଇଁ ସ୍ୱାର୍ଥପର ହୋଇଯାଆନ୍ତି । ଭଗବାନ ଖାଲି ସମ୍ପର୍କର ଭିନ୍ନ ଭିନ୍ନ ନାମକରଣ କରିଦେଇଛନ୍ତି ଯାହା । କିଛି ସମୟ ପରେ ବାସ୍ତବ ଅବସ୍ଥାକୁ ଫେରିଆସି ଦେଖିଲି; ଶଯ୍ୟା ଉପରେ ଶୋଇ ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା ଅବସର ପ୍ରାପ୍ତ ଭାରତୀୟ ଯବାନଙ୍କ ଆଖି ଖୋଲିଲା । ସେତିକିବେଳେ ପ୍ରଫେସର୍ ଆଉ ତାଙ୍କ ଅଧିନରେ ପିଜି କରୁଥିବା କିଛି ଡାକ୍ତର ରାଉଣ୍ଡରେ ଆସି ପହଞ୍ଚିଲେ । ଆମ ୱାର୍ଡ଼ ଦିଦି ପେସେଣ୍ଟ ଫାଇଲ୍ ସବୁ ଧରି ତାଙ୍କ ପଛରେ ଆସୁଥିଲେ । ମୋତେ ଦେଖି ମୋ ହାତକୁ ସବୁ ଫାଇଲ ବଢ଼େଇଦେଇ କହିଲେ, "ଛୁଆଦିଦି ଏ କେସ୍ ଫାଇଲ୍ ଦୁଇଟା ଧରିଥାଅ, ସାର୍ ମାଗିଲେ ଦେବ ।" ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ କେତେ ଉନ୍ନତି ଘଟିଛି ସେ ବିଷୟରେ ଆଲୋଚନା କରୁଥାନ୍ତି । ହଠାତ୍ ପ୍ରଫେସର କେସ୍ ପାଇଲ ମାଗିବାରୁ, ବେଡ୍ ନମ୍ବର ପଢ଼ି ସାରଙ୍କ ହାତକୁ ବଢ଼ାଇ ଦେଲି । ପୂର୍ବରୁ ମୋ ସହ କଥା ହେଉଥିବା ସେଇ ମଉସା ଜଣକ କାନଡେରି ସବୁକଥା ଶୁଣୁଥାନ୍ତି । ଯାହା ପଚାରିଲେ ଜବାବ ଦେଉଥାନ୍ତି । ପ୍ରଫେସର

ଦେଖିସାରି ସେଠାରୁ ଆସିବାବେଳେ ସେ ମଉସା ପଛେ ପଛେ ଆସି ପଚାରିଲେ, "ସାର୍ ସେ କ'ଣ ଆଉ ଭଲ ହେବେନି??"

- "ସେ ଆଉ ବେଶିଦିନ ନୁହଁନ୍ତି । ଦେଖାଯାଉ ଭଗବାନ କ'ଣ କରୁଛନ୍ତି ।" ବଡ଼ ଗମ୍ଭୀର ସ୍ୱରରେ ପ୍ରଫେସର କହି ଫେରିଆଲିଲେ । ତାଙ୍କ ପଛେ ପଛେ ମୁଁ ମଧ୍ୟ ୱାର୍ଡ଼କୁ ଫେରି ଆସିଲି । କେସ୍ ଫାଇଲ୍ ପଢ଼ି ଜାଣିଲି ଯେ ତାଙ୍କର ସେରେବ୍ରାଲ୍ ହେମୋରେଜ ହୋଇଛି । ଗୋଟିଏ ପାର୍ଶ୍ୱ ପାରାଲେସିସ ହେବା ସହ ମସ୍ତିଷ୍କର କାର୍ଯ୍ୟ କରିବାର କ୍ଷମତା ହ୍ରାସ ପାଇ ସାରିଲାଣି । ମନ ମାନିଲାନି, ପୁଣିଥରେ ଗଲି ତାଙ୍କ ପାଖକୁ । ସବୁବେଳେ ମୁଁ ରୋଗୀଙ୍କ ସହ କଥା ହୋଇ ଭଲମନ୍ଦ ପଚାରି ବୁଝେ । କିନ୍ତୁ ଏହି ଭଦ୍ରବ୍ୟକ୍ତିଙ୍କ ସହ କଥା ହୋଇପାରିନି । ହଁ ତା' ପରଦିନ ଭେନଫ୍ଲୋନରେ ଇଞ୍ଜୋକ୍ସନ ଦେଲାବେଳେ ଚେତାଥିଲା, ତେଣୁ ସେ ହାତ ହଲାଇବାରୁ ମୁଁ ତାଙ୍କ ପାପୁଲିରେ ମୋ ହାତ ଦେଇ ଚାପିଧରି କହିଲି, "କଷ୍ଟ ହେଉଛି?? ମୁଁ ଧୀରେ ଧୀରେ ଦେବି କଷ୍ଟ ହେବନି । ହାତ ହଲାନ୍ତୁନି ।" ଯଦି ବା ମୁଁ ଜାଣେ ସେ ଏ ଦୁନିଆରେ ଆଉ କମ୍ ଦିନର ଅତିଥି ତଥାପି ମିଛ ସାନ୍ତ୍ୱନା ଦେଇ କହିଲି, "ଭଲ ହୋଇଗଲେଣି ଆପଣ । ଆଉକିଛିଦିନ ପରେ ଡିସ୍‌ଚାର୍ଜ ହେବ ।" ସେ ନୀରବରେ ଚାହିଁଥାନ୍ତି ଉପରକୁ । ମୋ ସହ ଆଖି ଦୂରରେ ଥାଉ ପଦେ କଥା କହିବାର କ୍ଷମତା ମଧ୍ୟ ଭଗବାନ ଛଡ଼ାଇ ନେଇଥିଲେ ତାଙ୍କ ପାଖରୁ ।

- ପାରାଲେସିସ ଯୋଗୁଁ ପ୍ରେସରସୋର ହେବାର ବହୁତ ଡର ଥାଏ । ତେଣୁ ମଉସାଙ୍କୁ ଡାକି କହିଲି, "ତାଙ୍କ କଡ଼ ଲେଉଟାଇ ପାଉଡର ପକାଇବେ । କଡ଼ ବଦଲାଇବେ ନହେଲେ ଘାଆ ହୋଇଯିବ ପିଠିରେ ।"

- "ହଁ ଦିଦି ସବୁଦିନ ପକଉଛି । କଡ଼ ବି ବଦଳାଇ ଧରି ବସୁଛି ତାଙ୍କୁ ।" ମଉସା ଜଣକ ଉତ୍ତର ଦେଲେ ।

- "ଆଚ୍ଛା ମଉସା ତାଙ୍କ ପତ୍ନୀ?? ଆସିଲେନି ଏଠାକୁ?"

ମୋ କଥା ଶୁଣି ସେ କହିଲେ, "ଝିଅ, ସେ ବାହା ହୋଇନାହାନ୍ତି । ତାଙ୍କ ବେଳେ କାହାକୁ ଭଲପାଇଥିଲେ ଯେ ସେ ସେତେବେଳେ ଚାକିରି କରିନଥିଲେ ତ ଝିଅଘର ଲୋକ ରାଜି ହେଲନି । ଆଉ ଇଏ ଚାକିରି କଲାବେଳକୁ ସେ ଝିଅର ଅନ୍ୟ କେଉଁଠି ବାହାଘର ହୋଇଗଲା ।"

ଜାତି ଆଉ ସରକାରୀ ଚାକିରି ଆଗରେ କେତେ ପ୍ରେମ ବଳୀ ପଡ଼ିଛି ଆଉ ପଡୁଛି ମଧ୍ୟ ତା'ର ଠିକଣା ନାହିଁ । ମୁଁ ତ ବୁଝିପାରେନି ଜାତିକୁ କି ସରକାରୀ ଚାକିରିକୁ ନେଇ କେହି କ'ଣ ମଶାଣିକୁ ଯିବ ନା କ'ଣ ଯେ?? ଆରେ ଯିଏ ଭଲପାଇବ ସେ କ'ଣ ଜାତିଧର୍ମ, ବିଲବାଡ଼ି କେତେ ଅଛି, ସରକାରୀ ଚାକିରୀ କରିଛି କି ନାହିଁ ତଦାରଖ କରି ଭଲପାଇବ?? ଜଣେ ବ୍ୟକ୍ତି ନିଜେ ନଚାହିଁଲା ପର୍ଯ୍ୟନ୍ତ ତା'ର ଚିନ୍ତାଧାରାକୁ କେହି ବଦଳାଇ ପାରିବେନି । ମୁଁ ମନେ ମନେ ଭାବି ଚୁପ୍ ରହିଲି । ସେଦିନ ୱାର୍ଡ଼ରେ ଆଡ଼ମିସନ୍ ଥିଲା । ଜଣକ ପରେ ଜଣେ ରୋଗୀ ଆସୁଥାନ୍ତି ୱାର୍ଡ଼କୁ । ସେମାନଙ୍କୁ ବେଡ୍ ଦେଖାଇବା ସହ ବେଡ୍‌ସିଟ୍ ବିଛାଇବା କାର୍ଯ୍ୟରେ କରିବା ଭିତରେ କେତେବେଳେ ସମୟ ହୋଇଗଲା ଆଉ ଜାଣିପାରିଲିନି । ବାନ୍ଧବୀ ଆସି କହିଲେ, "କାମ ସବୁ ସରିଲାଣି ତ?? ୱାର୍ଡ଼ ଛାଡ଼ିବା ଟାଇମ୍ ଏବେ ହୋଇଗଲାଣି, ଡେରି ହେଲେ ପୁଣି କଲେଜ ବସ୍ ଛାଡ଼ିଦେବ ।" ହଁ, ସରିଲାଣି ମୁଁ ହାତଧୋଇ ଆସେ ବାହାରିଯିବା କହି ଯାଇ ହାତ ଧୋଉଥାଏ । ବାନ୍ଧବୀ ଯାଇ ୱାର୍ଡ଼ ଛାଡ଼ିବା ପାଇଁ ଇନଚାର୍ଜ ଦିଦିଙ୍କ ଅନୁମତି ମାଗିଆସିବା ପରେ ଆମେ ଫେରିଆସିଲୁ । ହସ୍ପିଟାଲ କଥା ହସ୍ପିଟାଲରେ ହିଁ ଛାଡ଼ିଆସିବାକୁ ପ୍ରାୟ ବାଧ ହୁଏ ମୁଁ । ଯେହେତୁ ପାଠପଢ଼ା ଥାଏ । ତତୁର୍ଥ ଦିନ ୱାର୍ଡ଼ରେ ପହଞ୍ଚୁ ପହଞ୍ଚୁ ଦେଖିଲି ବହୁତ ରୋଗୀଙ୍କର ରକ୍ତ ପରୀକ୍ଷା ପାଇଁ ବ୍ଲଡ଼ ସାମ୍ପୁଲ କଲେକ୍ସନ ଭାଇଲ୍ ଆଉ ଡାଇଗ୍ନୋସିସ ଫର୍ମ ଟେବୁଲ ଉପରେ ଥୁଆହୋଇଛି । ପ୍ରଥମେ ମୁଁ ବସି ଭାଇଲ୍ ସବୁରେ ରୋଗୀଙ୍କର ନାମ ଆଉ ତାରିଖ ଲେଖୁଥିଲି ଓ ବାନ୍ଧବୀ ବ୍ଲଡ଼ ଡ୍ର କରୁଥିଲେ ଜଣକ ପରେ ଜଣଙ୍କର । ସେତିକିବେଳେ ହିଁ କେହି ଜଣେ ଆସି ଡିସଚାର୍ଜ୍ ଫର୍ମଟିର ଜେରକ୍ସ କପିଟିଏ ମୋ ହାତକୁ ବଢ଼େଇଦେଲେ । ୱାର୍ଡ଼ ଦିଦି ଷ୍ଟୋର୍ ରୁମ୍ ଭିତରେ ଥିଲେ ସେଥିପାଇଁ । ପଛକୁ ଫେରିଚାହିଁ ଦେଖିଲି ସେହି ମଉସା ଜଣକ ନିର୍ଭିକ ନୟନରେ ଚାହିଁଥାନ୍ତି ମତେ । ମୁଁ ଆଉଥରେ ସେ ଡିସଚାର୍ଜ୍ ପେପରଟି ଦେଖିଲି । ଲେଖାଥିଲା, "ଡିସଚାର୍ଜ ଡ୍ୟୁ ଟୁ ଡେଥ୍ ।" ପଚାରିଲି, "କାଲି ତ ଭଲ ଥିଲେ ରାତିରେ ଅଧିକା ଦେହ ଖରାପ ହୋଇଗଲା କି ମଉସା??"


"ହଁ ଝିଅ, କାଲି ରାତି ତିନିଟାରେ ଚାଲିଗଲେ । ଏବେ ଗାଡ଼ି ଭଡ଼ା କରି ନେଇଯିବୁ ଗାଁ କୁ । କେହି ତ ଆସିବେନି ଫୋନ୍ କରିଥିଲୁ ଯେ, ଆଉ କ'ଣ କରିବୁ?" ମୁଁ ଚୁପ୍ ରହିଲି, କହିବାକୁ ମୋ ପାଖରେ ଶବ୍ଦ ନାହିଁ । ଖାଲି ଏତକି ଭାବୁଥିଲି, ବଞ୍ଚିଥିଲାବେଳେ ଯେଉଁମାନେ ପାଖକୁ ଆସିଲେନି ସେମାନେ ଆଉ କାହିଁକି ଆସିବେ ଏ ମୃତଦେହଟାକୁ ବୋହି ନେବାକୁ?? ମୋ ଭାବନା ଭିତରେ କେତେବେଳେ ବାନ୍ଧବୀ ଆସି ସାମ୍ନା ଚଉକିରେ

ବସିଲେଣି ତାହା ମୁଁ ଜାଣିପାରିନି । ଲୁହା ଷ୍ଟ୍ରେଚର୍‌ରେ ତାଙ୍କ ମୃତଦେହକୁ ନେଲାବେଳେ ବାନ୍ଧବୀ କହିଉଠିଲେ, "ହେ ଭଗବାନ ! ଚନ୍ଦୁ, ୨୪ ନମ୍ବର ବେଡ୍‌ର ସେ ରିଟାର୍ଡ୍ ଇଣ୍ଡିଆନ ଆର୍ମି ଅଫିସର୍ ଜଣକ ଚାଲିଗଲେ ।" "ହଁ ରାତି ତିନିଟାରୁ ଚାଲିଗଲେ ପରା । ସେ ମଉସା ଡିସଚାର୍ଜ ପେପର ଦେଲେବେଳେ କହୁଥିଲେ ।"

ଏମିତି ମୃତ୍ୟୁ ଦେଖି ଦେଖି ହସ୍ପିଟାଲର କର୍ମଚାରିମାନଙ୍କ ଛାତି ପଥର ହୋଇ ଗଲାଣି । ମୁଁ ମଧ୍ୟ ପଥର ହୋଇଯିବାର ନାଟକ କରିବା ଧୀରେ ଧୀରେ ଶିଖୁଥିଲି...

କ୍ରମଶଃ...

- ଚନ୍ଦ୍ରକାନ୍ତି ପ୍ରଧାନ



ସୁଲଗ୍ନା ମହାନ୍ତିଙ୍କ

ଆନିର ରୋଷେଇଘର

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

(at ₹199/- only)

Buy Now!





ଶୀତ

ରାମ ଚନ୍ଦ୍ର ପ୍ରଧାନ

ରଙ୍ଗ ବେରଙ୍ଗର ଫୁଲର ସମ୍ଭାରେ
ଥିରି ଥିରି ଆସେ ଶୀତ
ଶୀତ ଆଗମନେ ମୋ ଗାଆଁ ହସଇ
ଚାଷୀ ପୁଅ ଗାଏ ଗୀତ ।

ପ୍ରକୃତି ପଲ୍ଲୀର ଶୀତ ସକାଳଟା
ଭାରି ମନୋହର ଦିଶେ
ଫୁଲଫଳ ଭରା ବାଡ଼ି ବଗିଚାଟା
ଖୁସିରେ ଯେମିତି ହସେ ।

ଶୀତ ସକାଳର କୋହଲା ପାଗରେ
କାକର ଦେଖାଏ ଛଇ
ଶିଶିରର ବିନ୍ଦୁ ବୃକ୍ଷ ଲତା ଡାଳେ
ମୁକ୍ତା ସମ ଝଟକଇ ।

ପଲ୍ଲୀ ଲଳନାର କୁହୁକ ଛୁଆଁରେ
ଅଗଣା ଜୀବନ୍ତ ଦିଶେ
ହଳଦୀ ରଙ୍ଗର ସୋରିଷ କ୍ଷେତରେ
ଶୋଭାର ଆସର ବସେ ।

ସୁନେଲି କିରଣ ଉଙ୍କି ମାରି ଆସେ
କୁହୁଡ଼ିର ଅନ୍ତରାଳେ
ଅଳସୀ ଜହ୍ନର ବିମଳ କିରଣେ
ଶୀତ ଲୁଚକାଳି ଖେଳେ ।

ବିଚରା ଚାଷୀଟି ଭାରି ଖୁସି ହୁଏ
ଦେଖି ତା' ସୁନାର କ୍ଷେତ
ଭୁଲିଯାଏ ସିଏ ଅଭାବ କଷଣ
ଶୀତ ସଙ୍ଗେ ବସି ମିତ ।

ବୁଢ଼ାବୁଢ଼ୀ ସବୁ ବାରଣ୍ଡାରେ ବସି
ଖରା ପୋଇଁ ଥାନ୍ତି ନିତି
ଭାଳି ହେଉଥାନ୍ତି କେମିତି ଯାଆନ୍ତା
ଏ ଶୀତ ଦିନଟା ବିତି ।

ଶୀତ ମିତଟିଏ ଶୀତ ଗୀତଟିଏ
ଶୀତ ଅଟେ ଋତୁ ଶ୍ରେଷ୍ଠ
ଏ ଶୀତ ପାଇଁରେ ଦୂର ହୋଇଥାଏ
ସଂସାର ଯାକର କଷ୍ଟ ।

ପ୍ରେମ ସୁଧା ବାରି

ଆଶୁତୋଷ ମେହେର



ଦରପଣେ ଦେଖେ ନିଜ ଛବି ସିନା
ଲାଗେ କିଆଁ ଏତେ ପର
ଅଚିହ୍ନା ଅଚିହ୍ନା ମନର ଭିତରେ
ଖୋଜିବାକୁ ନାହିଁ ତର ।

ହୃଦୟ ଭିତରୁ ଫୁଟି ଉଠେ କିଆଁ
ହୃଦ ଛବି ଆଉ କା'ର

ପ୍ରେମର ମହକେ ମନ ଉପବନ
ମହକରେ ଭରପୁର ।

ସେ ମହକ କିଆଁ ବାଇ କରେ ମତେ
ଅଶରୀର ରୂପ ଧରି
ଶୂନ୍ୟତା ଭିତରେ ପୂରି ଉଠେ ଆତ୍ମା
ସେ କି ପ୍ରେମ ସୁଧା ବାରି??



ଦେବ କି ଅନୁମତି?

ତୁମ ସ୍ୱପ୍ନ ଭରା ଆଖି, ପ୍ରଶ୍ନବାଚୀଟିଏ
କେତେଯେ ସାଗରର ଗଭୀରତା,
କେତେ ଯେ ଅକୁହା ବେଦନାର ବାର୍ତ୍ତା,
ସବୁ ସାଇତି ସେ ନୀରବ... ବୈରାଗୀ ପରି ।

ହେଲେ ତୁମେ କୁହ ମୋ ଆଖିରେ କେତେ ଯେ ଗଳ୍ପ,
କିନ୍ତୁ ତୁମ ଆଖିରେ ତ କାହାଣୀ ।
କାହିଁ କେତେ କାଳରୁ ଯେ ଆତୁରତା ପୂର୍ଣ୍ଣ ଅପେକ୍ଷା
ତୁମର ସେହି ଛଳ ଛଳ ନେତ୍ରବିନ୍ଦୁର କଟାକ୍ଷ ଚାହାଣୀକୁ

ହୃଦ କେନ୍ଦ୍ରରୁ ଏକ ଅହେତୁକ ଉନ୍ମାଦନା
ଯେ ଶୁଣିବ ତୁମ୍ଭର ସବୁ ବେଦନା
କରିବ ସବୁ ଦ୍ୱିଧାର ସାଧନା ।
ପ୍ରଶ୍ନ ନୁହେଁ ଏ ତ କେଉଁ ପରୀକ୍ଷାର,
ନା ଅଛି ଉତ୍ତର ନା ଅଛି ପୁରସ୍କାର ।




ରାଜେଶ ରଥ

ତଥାପି ମନ ଆଜି ଖୋଜେ ପ୍ରତିଛବି
ତୁମ୍ଭର ସେହି ସାମୟିକ ଅଝଟ ତାନର ।
ସେଥିପାଇଁ ବୋଧେ ଆଜିଯାଏଁ କେହି ଦେଇନାହାନ୍ତି ନଜର
କାହିଁକି ନା ମନ ଭାଳି ହୁଏ କେବଳ ପ୍ରେମର ଶାସ୍ୱତ ସ୍ୱର

ଆଜି ବି ମୁଁ ଦେଖେ ତୁମ ଆଖିରେ ଅନାହୁତ ଜ୍ୟୋତି
ସତେ ଅବା ବର୍ଷା ରାତିରେ ଇଙ୍ଗୁଦିର ଦୀପଶିଖା ଜ୍ୟୋତି
ସ୍ୱାର୍ଥପରତାର ପରାକଷ୍ଠାକୁ ଅନୁଧ୍ୟାନ କରୁଛି ଅହରହ
ସାଧନା ଯେ ଭଙ୍ଗ ନ ହେଉ ଲଗୁଅଛି ଡର ।

ମୋ ଅପେକ୍ଷାର ଅନ୍ତର୍ନିହିତତା ବହିଯାଏ
ସତେ ଯେପରି ଅମାନିଆ ସରିତାଟେ ପରି,
ସମାୟିତ ହେବାକୁ ଅହେତୁକତା
ରୁହେତୁମ ଆଖି ଭଉଁରୀରେ
ଭଙ୍ଗକରି ସେ ତପସ୍ୟା ତୁମ ସହ
ସାକ୍ଷାତ କରିବାକୁ ଇଚ୍ଛା ହୁଏ ।

ଚୂର୍ଣ୍ଣ କରି ସବୁ ପ୍ରହେଳିକା, ସବୁ ବନ୍ଧନ ମୁକ୍ତ
କରିବକୁ ମନ କହେ
ଦେବ କି ଅନୁମତି ସବୁ ପ୍ରଶ୍ନର ଉତ୍ତର ମୁଁ ଚାହେଁ,
ଦେବ କି ଅନୁମତି ମୁଁ ତୁମକୁ ମୋ ଆଖିରେ ରଖିବାକୁ ଚାହେଁ ।





କଥାଟିଏ କହୁଁ... କଥାଟିଏ

ମନୋଜ ତ୍ରିପାଠୀ

ଜଙ୍ଗଲ ନିଆଁ ହୁ ହୁ ହେଇ ମାଡ଼ିଚାଲିଥିଲା ପାହାଡ଼ରୁ ପାହାଡ଼କୁ । ଜଳିଯାଉଥିଲେ ବଣର ଗଛ, ତରୁ, ଲତା, ଫୁଲ, ଫଳ ଆଉ ତା' ଭିତରେ ରହୁଥିବା ଜୀବଜନ୍ତୁ । ଆଧାଜଳା ଥୁଣ୍ଟା ଗଛଟିଏରେ କପୋତୀଟିଏ ବସିଥିଲା ଲୁହଭରା ଆଖିରେ । ତା' ଆଖି ଆଗରେ ତା' ସ୍ୱପ୍ନସବୁ ଜଳି ପୋଡ଼ି ପାଉଁଶ ହେଇଯାଉଥିଲା । ଏତିକିବେଳେ କପୋତଟିଏ କାହୁଁ ଉଡ଼ିଆସି କପୋତୀ ପାଖରେ ବସିଲା । ଦୂର ପାହାଡ଼ରେ ତା' ସଂସାର ବି କେବେଠୁଁ ଜଳି ସାରିଥିଲା, କିନ୍ତୁ ଦାରୁଣ ନିୟତି ତା' ଲୁହଧାର ସବୁକୁ ଶୁଖେଇ ଦେଇଥିଲା । କପୋତୀର ଲୁହ ଦେଖି କପୋତ ନିଜ ଦୁଃଖ ଭୁଲି ଯାଇ କପୋତୀର ମୁହଁରେ ହସ ଆଣିବା ଚେଷ୍ଟାରେ ଲାଗିଗଲା । ଥଣ୍ଟରେ ଥଣ୍ଟକୁ ଘଷିଲା, କଞ୍ଚା ଅଧାଜଳା ଡାଳଟିଏ ଆଣି ପାଖରେ ରଖିଲା, ବର୍ଷା ଆସିଲେ ନିଆଁ ଲିଭି ଯାଇ ନୂଆ ପତ୍ର କଅଁଳିବ ବୋଲି ବୁଝେଇଲା । କପୋତୀ ଧୀରେ ଧୀରେ ନିଜ ଦୁଃଖ ଭୁଲି କପୋତର ସାଥି ହେବ ବୋଲି ସ୍ଥିର କଲା ।

ଦୁହେଁ ସୁଖ ଦୁଃଖର ସାଥି ହୋଇ ଦିନ କାଟିଲେ, ଏକାଠି ଖାଇଲେ, ଏକାଠି ଉଡ଼ି ବୁଲିଲେ; ଦୁଇ ଶରୀର କିନ୍ତୁ ଏକ ପ୍ରାଣ ହୋଇ । ଏମିତିରେ ଗ୍ରୀଷ୍ମ ସରିବାକୁ ଲାଗିଲା । ବର୍ଷା ଆସିବା ଆଗରୁ କପୋତ କହିଲା ନୀଡ଼ ସଜାଡ଼ିବାକୁ ହେବ । ଦୂର ପାହାଡ଼କୁ ଯାଇ ମୁଁ ଡାଳ ଲତା ନେଇ ଆସିବି । କିଛି ଦିନ ଲାଗିବ । ବ୍ୟସ୍ତ ହେବୁନି । ମୁଁ ଫେରିବି । ଫେରିବି, ଆମ ଭବିଷ୍ୟତର ପ୍ରସ୍ତୁତି ନେଇ । କପୋତୀ ପ୍ରାଣ ଅଜଣା ଭୟରେ ଥରି ଉଠିଲା । କପୋତ ସାହସ ଦେଲା ଆଉ ଶୀଘ୍ର ଫେରି ଆସିବା କଥା ଦେଇ, ଉଡ଼ିଗଲା

ଦୂର ଦିଗବଳୟ ଆଡ଼କୁ । ନୀଡ଼ ସାଜ ସଂଗ୍ରହରେ କପୋତ ମଜ୍ଜିଗଲା । ଲକ୍ଷ୍ୟ କେବେଳ ଗୋଟିଏ; କପୋତୀ ସହିତ ଏକ ସୁଖର ସଂସାର । ଏଣେ କପୋତୀ ମନ ଅଥୟ ହେଲା । କପୋତ ବି କପୋତୀର ବେଦନାକୁ ବୁଝୁ ବୁଝୁ ଗାଉଥିଲା;

କେତେ ଦୂରେ ଚନ୍ଦ୍ର
କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର
ଯେତେ ଦୂରେ ଥିଲେ
ଯେ ଯାହାର ସେ ତାହାର ।



ବର୍ଷା କାଳ ପ୍ରବେଶୁ ପ୍ରବେଶୁ କପୋତ କପୋତୀ ପାଖକୁ ଫେରି ଆସିଲା । ଧୀରେ ଧୀରେ ଅଳ୍ପ ଅଳ୍ପ ସବୁଜିମା ଚାରିପଟେ ଦେଖା ଯାଉଥିଲା । କପୋତକୁ ଦେଖି କପୋତୀ ଖୁସିରେ ଅଧୀର ହେଲା, ଉଡ଼ି ବୁଲିଲା, ନାଚିଲା, ଗାଇଲା;

ତୁମେ ଯଦି ସାଥି ମୋର
ନିଅ ମୋତେ ଭୁଲାଇ
ମିଠା ମିଠା ନିଶାରେ ଗୋ
ଦେବି ମୁଁ ହଜାଇ ।

କପୋତ ସାଥୀକୁ ପାଇ ଅନ୍ଧ ଦୃଷ୍ଟି ପାଇଲା ଭଳି ଖୁସି ହେଲା । କିନ୍ତୁ କେଜାଣି କାହିଁକି ଏକ ଅଜଣା ଭୟରେ ତା' ଅନ୍ତର ବ୍ୟାକୁଳ ହେଲା । ଯେଉଁ କପୋତୀ ତା' ବିନା କେବେ ନୀଡ଼ ବାହାରକୁ ଦେଖୁ ବି ନଥିଲା ଆଜି ସେ ଘେରାଏ ଉଡ଼ି ଆସୁଛି । ଭିତରେ ଭିତରେ ସଂଶୟ, କପୋତ ପ୍ରାଣକୁ ଅଥୟ କଲା । ଅହେତୁକ ଭୟ ଆଉ ଅଜଣା ଆଶଙ୍କାରେ କପୋତୀର ଉଡ଼ା ବୁଲା, ତା' ଆଖିରେ ଅଲଗା ଲାଗିଲା । ଏକ ବିଶ୍ୱସ୍ତ ସାଥି ହରେଇବା ଭୟ, କପୋତ ଭିତରକୁ ଭୁଣପରି ଖାଇଚାଲିଲା ।

ଏଣେ କପୋତୀ ମଧ୍ୟ କପୋତର ଅସୁରକ୍ଷାକୁ ବିଶ୍ୱାସ ନିକିତିରେ ମାପିବାକୁ ଲାଗିଲା । ଯେଉଁ କପୋତୀ କପୋତ ଦିନେ ସାତ ଜନ୍ମର ସାଥି ହେବାକୁ ଗଣ୍ଠି ବାନ୍ଧିଥିଲେ, ସାତ ଦିନର ବିଚ୍ଛେଦ ସେମାନଙ୍କ ସାତ ସପନକୁ ସାତ କ୍ଷଣରେ ଭାଙ୍ଗିଦେଇ ଚାଲିଗଲା । ସନ୍ତୁପ୍ତ କପୋତ ଭାଙ୍ଗି ପଡ଼ି କପୋତୀକୁ ପୁଣି ଭଙ୍ଗା ନୀଡ଼ ସଜାଡ଼ି ଦେବାକୁ ଅନୁନୟ ବିନୟ ହେଲା । କପୋତୀ କହିଲା, "ଶୁଣ, ନୀଡ଼ ବାନ୍ଧିବା ଏକ ସ୍ୱପ୍ନ, ଉଡ଼ିଯିବା ବାସ୍ତବତା ।" ଦୂର ଆକାଶରେ ମେଘ ଆଖିରୁ ପାଣି ଢାଳୁଥିଲା... ଛମ୍ ଛମ୍ ଛମ୍ ଛମ୍ ଛମ୍ ଛମ୍...

- ମନୋଜ ତ୍ରିପାଠୀ,
ଭୁବନେଶ୍ୱର



ବିନୟ ମହାପାତ୍ରକୁ
ଦୁଇଟି ବହି
ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ
(at ₹499/- with free Shipping)
Buy Now!



ପୂଣ୍ୟର ପ୍ରଭାବ

ଗୁପ୍ତେଶ୍ୱର ଚାନ୍ଦ

ପୂଣ୍ୟ ନୁହେଁ ଭାଇ ପଣ୍ୟ ଦ୍ରବ୍ୟ ପରି
କିଣିବ ଯେ ନାଇଁ ସିଏ ।
ସ୍ୱାର୍ଥ ପଣ ତେଜି କଲେ ପରସେବା
ପୂଣ୍ୟଟି ଅରଜି ହୁଏ ।୧।

ପରମ ବ୍ରହ୍ମ ପରା ପୂଣ୍ୟର ପସରା
ମେଲି ଦେଇଛନ୍ତି ଭାବେ ।
ଭାବ ଲଗାଇ ତୁ ଭାବଗ୍ରାହୀ ସାଥେ
ବସିବୁ ପୂଣ୍ୟର ନାବେ ।୨।


ଭାବ ବିନୋଦିଆ ଏ ଭବ ସଂସାର
ସାଗରେ ନାଉରୀ ସାଜି ।
ପାରି କରୁଛନ୍ତି କରୁଣା କରିଣ
ବୁଝି ପାରୁନୁ କି ପାଜୀ ।୩।

ନିଶ ଦାଢ଼ି ରଖି ହୋଇଲେ ବାବାଜୀ
ପିନ୍ଧି ଗେରୁଆ ବସନ ।
ଭାବିଛୁ କି ପାରି ହୋଇଯିବୁ ବୋଲି
ଆରେ ପାଗଳା ମନ ।୪।

ଚିତା ଚଇତନ ଲଗାଇ ଫେସନ
କରିବୁ ଯେବେରେ ଧନ ।
ଦୁର୍ଲ୍ଲଭ ଜନ୍ମ ତୋ' ହେବ ଅକାରଣ
ଧୀରେ ଘେନ ମୋ' ବଚନ ।୫।

ପର ଦୁଃଖ ଦେଖି ନୋହିଲେ ଟି ଦୁଃଖୀ
ବୋଲାଇବୁ କି ମହାତ୍ମା ।
ସବୁରି ଘଟରେ ବ୍ରହ୍ମ ବିରାଜିତ
ଚିହ୍ନିଲେ ହେବୁ ସଦାତ୍ମା ।୬।

ଧର୍ମ ସଙ୍ଗେ କେବେ ସମତୁଲ ନୁହେଁ
ବାବୁରେ ଧନ ରତନ ।
ବାଲ୍ୟ କାଳୁ ହେଲା ନକରି ତିଳେ ତୁ
କର ଧର୍ମ ଅରଜନ ।୭।




ପିତାମାତା ପୂଣ୍ୟ ବଳେ ସୁସନ୍ତାନ
ଆସନ୍ତି ମର୍ତ୍ତ୍ୟ ମଣ୍ଡଳେ ।
ଅସାଧ୍ୟ ସାଧନ ହୁଏ ବାୟାମନ
ଧରା ଧାମେ ପୂଣ୍ୟ ବଳେ ।୮।


ସାତ ଜନମର ମୂର୍ଖପଣ ଦୂର
ସମ୍ଭବ ସୁକୃତ ଘେନି ।
ମାତା ସାରଳାଙ୍କ କୃପାପାତ୍ର ହେଲେ
କାଳିଦାସ ଦସ୍ୟୁ ବେନି ।୯।


ବ୍ୟାସ, ବାଲମିକ ରଚିଲେ ଜଗତେ
କେତେ ଯେ ପୁରାଣ ଗ୍ରନ୍ଥ ।
ଆଲୋକିତ ହୁଏ ସଦା ଚଲାପଥ
ପୂଣ୍ୟର ପ୍ରଭାବେ ସନ୍ଥ ।୧୦।


କିଛି ପ୍ରକାଶିତ ଇ-ପତ୍ରିକା (Click on the Image to Download)








































ନିଶିର ଚିଠି

ରାତି ଅଧାରୁ ବେଶି ସରିଗଲାଣି, କୁଆଁତାରା ବୋଧେ ଆଉ କିଛି ସମୟରେ ମୁହଁ ଦେଖେଇବ । ତୁମେ ପୁଣି ଅଧା ନିଦରେ ମୋ ନାଁ ନେଇ ଟିକେ ଖୁଜବୁଜ ହେବ । ଆଜି ଆଉ ଗପ କହିବିନି, ଆଜି ଖାଲି ଟିକେ କଥା ହେବା ଭାବିଛି । ଆମ ପ୍ରେମର ମୂର୍ଚ୍ଛନାରେ ଆହୁରି ବେଶି ବିଭୋର ହେବାକୁ ଇଚ୍ଛା ହେଉଛି । ଆଜି ସେଇ ଅଧା ଖୋଲା ଝରକାରୁ ଆକାଶର କାନଭାସ୍‌ରେ ଅଧାଅଙ୍କା ଜହ୍ନକୁ ଦେଖୁଥିଲି । ଜ୍ୟୋସ୍ନା-ବିଧୌତା ନିଶି ଗାଢ଼ ହେଉଥିଲା ଆଉ ମୋ ମନରେ ତୁମ ଅପେକ୍ଷାର ରଙ୍ଗ... ସେଇ ଅଧାଅଙ୍କା ଜହ୍ନ ଭଳି ମୋର ରାତି ଆଉ ସେଇ ଅର୍ଧ ପ୍ରସ୍ଫୁଟିତ କୁମୁଦିନୀ ଭଳି ମୋ ପ୍ରୀତି । ଖୁବ୍ ଇଚ୍ଛା ହୁଏ କୁନି କୁନି ଖୁସିର ମୁହୂର୍ତ୍ତରେ ତୁମ ପାଖକୁ ଦୌଡ଼ି ଯାଆନ୍ତି, ତୁମ ଗଳାରେ ମୋ ବାହୁବେଷ୍ଟନୀ କରି ତୁମ ପ୍ରଶସ୍ତ ଛାତିରେ ମୋ ମଥା ରଖନ୍ତି । ଆଉ ତୁମେ ସସ୍ନେହେ ମୋ ମଥା ଚୁମି ଯାଅନ୍ତୁକି...

କିଛି ଛୋଟ କିନ୍ତୁ କଷ୍ଟର ମୁହୂର୍ତ୍ତରେ ତୁମ କୋଳ ଖୁବ୍ ମନେପଡ଼େ । ଇଚ୍ଛାହୁଏ, କିଛି କ୍ଷଣ ସେଇ କୋଳରେ ଶୋଇରହି ଅମାନିଆ ଲୁହଗୁଡ଼ାକୁ ବୁହାଇଦେବାକୁ । ଭାରି ଇଚ୍ଛା ହୁଏ ସକାଳର ସେଇ ଦୁଇ କପ୍ ଚାହା ସହ ପୁଣି କିଛି 'ଆମ' ମୁହୂର୍ତ୍ତ ବଞ୍ଚିଯିବାକୁ...

ଜାଣିଛ ପ୍ରିୟତମ ! ତୁମ ବିନା ସମୟ କ'ଣ ନିଦ ବି ମୋ ସଉତୁଣୀ ସାଜିଛି । ତୁମ ଅପେକ୍ଷାର ଦୁଃଖ ବାଣ୍ଟିବାକୁ ଆଜି ଜହ୍ନ ସହ ମୁଁ ମିତ ବସିଛି । ଆଉ ମୋ ମନର ଅକୁହା କଥା ସେ ଆଜି ଶୁଣିବ ବୋଲି କଥା ଦେଇଛି । ଗଙ୍ଗଶିଉଳିର ଭୁରୁଭୁରୁ ବାସ୍ନା ଭଳି ତୀବ୍ର ହୁଏ ଅନ୍ତରଙ୍ଗ କିଛି ମୁହୂର୍ତ୍ତର ତାଡ଼ନା । ରକ୍ତଗୋଲାପ ଗାଢ଼ ଲାଲିମା ଭଳି ସେ ପ୍ରେମ କେବେ ମୋ ପ୍ରତିଟି ସ୍ନାୟୁକୁ ଖିନ୍‌ଭିନ୍ କରେ ଜାଣିହୁଏନା । ସ୍ମୃତିର ମୂର୍ଚ୍ଛନା ଆନମନା କରେ, ଆଖି ପଲକରେ ବିତେ ମୋ ଶର୍ବରୀ । ବିରହ-ବିଧୁରା ହୃଦୟ ଅଧୀରା ଖୋଜେ ତୁମ ପରଶ ମଦିରା ସତେ କି ତୋଳି ଆଣି ରାଗ ବିଭାବରୀ... ରାଗ ବିଭାବରୀ ।



ସୋନାଲି ସୁଚରିତା

ଇଚ୍ଛା

ଭାରି ଅବୁଝା ଭରି ଅଝଟିଆ ଏ ଇଚ୍ଛା,
ସବୁରି ମନରେ ବସା ବାନ୍ଧିଥାଏ ଏ ଇଚ୍ଛା ।

ସ୍ୱପ୍ନର ତାଜମହଲ ଗଢ଼ିତୋଳିଥାଏ ଏ ଇଚ୍ଛା,
କଳ୍ପିତ ଜୀବନ କାହାଣୀର ଆଧାର ଏ ଇଚ୍ଛା ।

ଉଦାସୀ ଓଠରେ ହସର ମୁକୁତା ଖେଳାଏ ଇଚ୍ଛା,
ପୂର୍ଣ୍ଣିମୀ କୋଳରେ ଜହ୍ନ ଆଲୁଅରେ ଦିପାଳୀ ଜାଳେ ଇଚ୍ଛା ।

ଅମା ଅନ୍ଧକାରେ ଭାବନାରେ ହଜାଏ ଏ ଇଚ୍ଛା,
ପ୍ରେମ ପ୍ରତୀକ୍ଷାର କାରଣ ସାଜେ ଏ ଇଚ୍ଛା ।

ସ୍ୱପ୍ନର ଦୁନିଆରେ ହଜାଇ ଦିଏ ଏ ଇଚ୍ଛା,
ଆଖିରୁ ସେ ନିଦ ଛଡ଼େଇ ନିଏ ଏ ଇଚ୍ଛା ।

ଚିର ସବୁଜ ଚିର ଜୀବନ୍ତ ହୋଇଥାଏ ଏ ଇଚ୍ଛା,
ବନ୍ଧନ ମୁକ୍ତ ଶିକୁଳି ମୁକ୍ତ ସେ ଯେ ଇଚ୍ଛା ।

ନିରବତାର ପ୍ରତିବିମ୍ବ ନିର୍ଜନ ସାଜେ ଇଚ୍ଛା,
ନିଷ୍କପଟ ହୃଦୟର ସରଳତାରେ ଥାଏ ଇଚ୍ଛା ।

ପିଲାଳିଆମିର ଦୁଷ୍ଟାମୀରେ ଲୁଚି ରହିଥାଏ ଇଚ୍ଛା,
ଯୌବନର ପାଗଳାମିରେ ଛପି ରହିଥାଏ ଇଚ୍ଛା ।

ବିନା ବାଦଲରେ ବରଷା କରାଏ ଏ ଇଚ୍ଛା,
ପକ୍ଷୀଟିଏ ଭଳି ଗଗନେ ଉଡ଼ାଏ ଏ ଇଚ୍ଛା ।

ଭାରି ଅଜବ ଭାରି ଅମାନିଆ ଏ ଇଚ୍ଛା,
ସବୁରି ମନରେ ଲୁଚି ରହିଥାଏ ଏ ଇଚ୍ଛା ॥



ରଶ୍ମୀବାଳା ଶତପଥୀ

ନାରୀ

ମୁଁ ଜନନୀ
ମୁଁ ଭଗିନୀ
ମୁଁ ତନୟା
ମୁଁ ସହଧର୍ମିଣୀ
ଏଇତ ମୋ ଚରିତ୍ରର ବିବରଣୀ

ମୁଁ ଲଜ୍ଜା
ମୁଁ ପୂଜ୍ୟ
ମୁଁ ଧୈର୍ଯ୍ୟ
ମୁଁ ସଭ୍ୟ
ଏସବୁ ମୁଁ ହେବା ନିତାନ୍ତ ଆବଶ୍ୟକ

ମୁଁ ଧରଣୀ
ମୁଁ କାମିନୀ
ମୁଁ ରମ୍ୟ
ମୁଁ କାମ୍ୟ
କାବ୍ୟରେ ବର୍ଣ୍ଣିତ ହୁଏ ମୋର ଏ ଗୁଣ ।





ସୁନିତା ପଟେଲ



ସନ୍ଧ୍ୟା

ସରୋଜ କୁମାର ସାହୁ

Photo: Bijay Biswaal

ପକ୍ଷୀ ଫେରିଲେଣି ନୀଡ଼କୁ ସରବେ
ଅସ୍ତଗାମୀ ସୂର୍ଯ୍ୟ ଦେଖି
କମନୀୟ ତା'ର କି ଅପୂର୍ବ ଶୋଭା
ଆଖି ଯାଏ ସତେ ଲାଖି ।

ଗାଇଆଳ ଫେରେ ଗୋଧୂଳି ସଞ୍ଜରେ
କଅଁଳା ବାଛୁରୀ ଧରି
ଗାଆଁ କୁନିପିଲା ଫେରନ୍ତି ସଙ୍ଗତେ
ଖେଳକୁଦ ଶେଷ କରି ।

ଚଷାପୁଅ ଫେରେ ନିଜ କୁଟୀରକୁ
କ୍ଲାନ୍ତି ଉପଶମ ପାଇଁ
ବିଦ୍ୟା ଅଧ୍ୟୟନ କରନ୍ତି ପିଲାଏ
ଗୁରୁଜନ ପାଦ ଛୁଇଁ ।

ଗାଁ କୋଠଘରେ ଶୁଭେ ସଂକୀର୍ତ୍ତନ
ହରିବୋଲ କରତାଳି
ଅଜାଆଈ ବସି ଦାଣ୍ଡଦୁଆରରେ
ଜପ କରୁଥାନ୍ତି ମାଳି ।

ଘଣ୍ଟ ଶଙ୍ଖ ବାଜେ ଗାଁ ମନ୍ଦିରରେ
ପଢ଼ାହୁଏ ଭାଗବତ
ଚଉରାମୂଳରେ ଘିଅଦୀପ ଜାଳି
ପତ୍ନୀ ମାଗେ ଭବିଷ୍ୟତ ।

ବିରହର ଦହନରେ

ମିଛ ଭରସାରେ ଆଜିବି ବଞ୍ଚିଛି
ଲେଉଟିବ ତୁମେ ବୋଲି
ଚିରସ୍ରୋତା ହେଲା ଆଖିର ଶ୍ରାବଣ
ଯେବେଠାରୁ ଗଲ ଚାଲି ॥

ଝାଉଁଳିଗଲାଣି ଏ ଦେହ ଯୌବନ
ବିରହର ଦହନରେ
ସ୍ପନ୍ଦନର ବେଗ ଥମି ତ ଗଲାଣି
ଆଶାତୀତ ଅପେକ୍ଷାରେ ॥

କାରାଗାରର ସେ ଅପରାଧୀ ପରି
ସାଜିଛି ଏବେ ଜୀବନ
ପ୍ରେମ ବନ୍ଧନରେ ବନ୍ଦୀ କରି ତୁମେ
ଜାଳୁଅଛ ପ୍ରତିକ୍ଷଣ ॥

ମହମ ପରି ତରଳି ଯାଉଛି
ବିଚ୍ଛେଦର ଦାବାଗ୍ନିରେ
ଶେଷ ଦେଖା ଦିଅ ଶେଷଥର ପାଇଁ
ମୃତ୍ୟୁ ଏବେ ନିକଟରେ ॥

ଫେରିଆସ ଥରେ ମୁହୂର୍ତ୍ତେ ପାଇଁ
ଡେଇଁ ସବୁ ସୀମାରେଖା
ମୁକ୍ତ କରିଦିଅ ବନ୍ଧନରୁ ମୋତେ
ଦେଇଥରେ ଶେଷଦେଖା ॥



ପ୍ରଶାନ୍ତ ପଧାନ



ଏଇତ ଜୀବନ ପଥ

ବୈବସ୍ୱତ ନାଏକ

ଏ ଜୀବନ ବାଟରେ
ମଣିଷ ବାଟୋଇଟିଏ
କେବେ ଚାଲିବାକୁ ହୁଏ
କଣ୍ଟକିତ ପଥରେ
ତ ପୁଣି କେବେ
କୁସୁମିତ କୋମଳ ପୁଷ୍ପରେ ।

କେବେ ବୈଶାଖର ପ୍ରଚଣ୍ଡ ଝାଞ୍ଜିରେ
ନିଜକୁ ତାତିବାକୁ ହୁଏ
ତ ପୁଣି କେବେ
ବସନ୍ତର ମଳୟ ପବନରେ
ମଜ୍ଜିବାକୁ ହୁଏ ।


କେବେ ଅମାବାସ୍ୟାର କିଟିକିଟି
ଅନ୍ଧାରରେ ରହିବାକୁ ହୁଏ
ତ ପୁଣି କେବେ
ପୁନେଇଁ ଜହ୍ନର ଜୋଛନାରେ
ଲୁଚିବାକୁ ହୁଏ ।

କେବେ ବାଟସାରା ଏକା ଏକା
ତ ପୁଣି କେବେ
ବାଟରେ ମିଳନ୍ତି ଅନେକ ସଖା ।

କେବେ କିଛି ଲୁହକୁ
ହୃଦୟରେ ଚାପି ରଖିବାକୁ ହୁଏ
ତ ପୁଣି କେବେ
ମିଛ ହସକୁ ଦେଖାଇବାକୁ ହୁଏ ।

କେବେ ସଂଘର୍ଷମୟ ଜୀବନ
ତ କେବେ
ବିଳାସ ବ୍ୟସନମୟ ଆନନ୍ଦ ମନ

କେବେ ସାଥିଟିଏ ବିନା
ବଞ୍ଚିବାକୁ ହୁଏ
ତ କେବେ



ସାଥିଟିଏ ପାଇଁ
ଜୀବନ ଦେବାକୁ ହୁଏ ।

କେବେ ଆବର୍ଜ୍ଜନା କୁଣ୍ଡରେ
ସଢ଼ି ଯିବାକୁ ହୁଏ
ତ ପୁଣି କେବେ
ଅତର ହୋଇ ଚାରିଆଡ଼େ
ମହକିବାକୁ ହୁଏ ।

କେତେବେଳେ ମିଳେ
ଅନେକ ପ୍ରେମ
ତ କେତେବେଳେ ଅନେକ ଘୃଣା ।

କେବେ ବିରହ ଯନ୍ତ୍ରଣାରେ
ମରିବାକୁ ହୁଏ
ତ କେବେ
ପ୍ରେମର ପ୍ରୀତି ବନ୍ଧନରେ
ବନ୍ଦୀ ହେବାକୁ ହୁଏ ।

ଏଇତ ମଣିଷ ଜୀବନ
ଟିକେ ଖୁସି ପାଇଁ ଏଠି
ଦୁଃଖ କଷ୍ଟ କେତେ ସହି
ଯନ୍ତ୍ରଣାରେ ଜଳି ଜଳି
ବଞ୍ଚିକି ବି ମରିଯାଏ ।



ବାସ ! ସବୁ ଶେଷ...

ସୁଧାଂଶୁ ଶେଖର ଦ୍ୱିବେଦୀ

ବାସନ୍ତୀର କାନ୍ଦଣା ଓ ଚିତ୍କାର ଶବ୍ଦ ହୃଦୟକୁ ଆଘାତ କରୁଥାଏ । ବଦ୍ରି ତାକୁ ଆଜି ବହୁତ ପିଟିଛି । ଆଶ୍ରାବ୍ୟ ଭାଷାରେ କେତେ କ'ଣ କହିଛି । ଏପର୍ଯ୍ୟନ୍ତ ବି ସେ ଗାଳି ଦେଉଥିବା ଶବ୍ଦ ଶୁଭୁଛି । "ଶାଳି ବୁଢ଼ୀ ମରୁନାହିଁ କି ମୋତେ ଟଙ୍କା ପଇସା ଦେଉନାହିଁ । ମରିଗଲେ ଯେମିତି ସବୁ ବୋହି ନେଇଯିବ? ଗୋଟେ ବୋଲି ପୁଅ ମୁଁ, କେମିତିକା ମା' ବେ ତୁ?"

ବାସନ୍ତୀ ବି ପ୍ରତିବାଦ କରି କହୁଥାଏ, "ଆଉ ତୁ କେମିତିକା ରାକ୍ଷସ ପୁଅ ମୋର? ନିଜ ମା'କୁ ପିଟୁଛୁ ! ତୋତେ ମରଣ ହେଉନି? କି କାଳ ବେଳାରେ ତୁ ଜନ୍ମିଥିଲୁ ଯେ ଯଦି ମୁଁ ଜଣିଥାନ୍ତି ଏଭଳି ଦିନ ଦେଖିବାକୁ ହେବ ତା'ହେଲେ ତୋ ଗଳା ଚିପି ସେଇ ଏନ୍ଟୁଡ଼ି ଶାଳରେ ମାରି ଦେଇଥାନ୍ତି । ମାର.. ଯେତେପାରୁଛୁ ମାର, ହେଲେ ତୋତେ ଆଉ ଟଙ୍କାଟିଏ ବି ଦେବିନି । ତାସ୍ ଖେଳ, ଜୁଆ ଖେଳ ଆଉ ମଦ ପିଆରେ ଉଡ଼େଇବା ପାଇଁ ରୋଜଗାର କରିଥିବା ଟଙ୍କା ତୋତେ କାହିଁକି ଦେବି?"

ଏବେ ପ୍ରତିଦିନର କଥା ହୋଇଗଲାଣି, ବଦ୍ରି ତା' ମାଆ ବାସନ୍ତିକୁ ପିଟାମରା କରି ଟଙ୍କା ନେଇ ବାଜେ ଖର୍ଚ୍ଚ କରିବ । ଲୋକଙ୍କ ଘରେ ବାସନ ମାଜି, ଘର ଓଳେଇ ବାସନ୍ତୀ ଯାହା ରୋଜଗାର କରେ ଦୁହିଁଙ୍କର ପେଟ ଭୋକିଲା ରହେନାହିଁ । ସରଳ, ସୁବୋଧ ପୁଅଟା ଉପରେ କାହା ନଜର ଲାଗିଗଲା ଯେ ଅଧା ପାଠୁଆ ହୋଇ ସ୍କୁଲ ଛାଡ଼ିଦେଲା । କୁସଙ୍ଗରେ ପଡ଼ି ଦିନ ଦିନ ଏଠି ସେଠି ବୁଲିଲା । ଗାଁ ଛକରେ ବସି ତାସ୍ ଖେଳିଲା । ବିଡ଼ି, ଗଞ୍ଜେଇ, ମଦ ଅଭ୍ୟାସ କଲା । ଯେପର୍ଯ୍ୟନ୍ତ ବାସନ୍ତୀର ମରଦ ବଞ୍ଚିଥିଲା ସୁଖ ଦୁଃଖରେ ସବୁ ବିତି ଯାଉଥିଲା । ସେ

ଆରପୁରକୁ ଯିବାପରେ ସବୁ ଓଲଟ ପାଲଟ ହୋଇଗଲା । ସ୍ୱାମୀ ଯିବାପରେ ତାଙ୍କ ଭାଇମାନେ ଭଗାରୀ ହୋଇଗଲେ । ଚକ୍ରାନ୍ତ କରି ଲେଖପାଳକୁ (ଜମିର ପଟା ଲେଖୁଥିବା ମୋହରିର) ହାତ କରି ସବୁ ଜମି ନିଜ ନାଁରେ କରିନେଲେ । ବିଚାରି ଏକାକୀ ବିଧବା ପାଖରେ ଛୋଟିଆ ପୁଅ କ'ଣ ଆଉ କରି ପାରିଥାନ୍ତା? ଭାଇ ଭଗାରିଙ୍କ ସହିତ ଲଢ଼େଇ କରିବା ପାଇଁ ତା'ର ଆଉ ସାହାସ ହେଲାନାହିଁ । ଭାଗ୍ୟକୁ ଆଦରି ଦୁଃଖକୁ ସାମ୍ନା କରିବାକୁ ଅଣ୍ଟାରେ ଲୁଗାକାନି ଗୁଡ଼େଇଲା । ଲୋକଙ୍କ ଘରେ ବାସି କାମ କଲା । ଲୋକଙ୍କ କ୍ଷେତରେ ଚାଷ କାମ କଲା । ସେସବୁ କରି ଯାହା ପାଏ ଘର ଚଳିବା ପାଇଁ ରଖି ଅବଶିଷ୍ଟ ବ୍ୟାଙ୍କରେ ରଖିଦିଏ । ହେଲେ ବଦ୍ରି ଏମିତି ବିଗିଡ଼ିଗଲା ଯେ ଯେବେ ତା'ର ଇଚ୍ଛା ହୁଏ ମାଆଠାରୁ ଟଙ୍କା ମାଗି ନେଇ ନିଶାପରେ ଉଡ଼େଇଲା ।

ପ୍ରଥମେ ପ୍ରଥମେ ବଦ୍ରିର ଖରାପ ଅଭ୍ୟାସ ବିଷୟରେ କିଛି ନଜାଣି ଯେତେବେଳେ ସେ ଟଙ୍କା ମାଗେ ବାସନ୍ତୀ ଦେଇ ଦଉଥିଲା । ଦିନେ ଯେବେ ସେ ଜାଣିଲା ବଦ୍ରି ତା'ଠାରୁ ଟଙ୍କା ନେଇ ନିଶାପାଣି କରୁଛି, ତା'ପରଠୁ ଆଉ ଦେଲାନାହିଁ । ସେହିଦିନଠାରୁ ଦୁହିଁଙ୍କ ଭିତରେ ଗୋଟେ ନିୟମ ହୋଇଯାଇଛି ନା ବଦ୍ରି ଟଙ୍କା ମାଗିବା ଛାଡୁଛି ନା ବାସନ୍ତୀ ଟଙ୍କା ଦେଉଛି ! ମାଡ଼, ଗାଳି ଓ କାନ୍ଦ ଶୁଣି ଶୁଣି ପାଖ ପଡ଼ୋଶୀ ବି ଅଭ୍ୟସ୍ତ ହୋଇଗଲେଣି । ପ୍ରତ୍ୟେକ ଅସୁବିଧାରୁ ସୁବିଧା ହେବାପାଇଁ ସମସ୍ତେ ଉପାୟ ଖୋଜନ୍ତି, ହେଲେ କାହାରି ଉପାୟ କି ଅନୁରୋଧ ମାଆପୁଅଙ୍କ କାମରେ ଆସେନି । ଶେଷରେ ତାଙ୍କରି ଉପରେ ତାଙ୍କ ଅସୁବିଧାକୁ ଛାଡ଼ି ସମସ୍ତେ ଚୁପ୍ ହୋଇଯା'ନ୍ତି ।

ତା' ପରଦିନ ବାସନ୍ତୀ ହାତରେ ଏକ ବ୍ୟାଗ୍ ଧରି ବ୍ୟାଙ୍କରେ ପହଞ୍ଚିଗଲା । କିଛି ସମୟ ଭିତରେ ବ୍ୟାଗ ଭର୍ତ୍ତି ନୋଟ ଧରି ଘରକୁ ଫେରିଲା । ଘର ପଛପଟ ବାଡ଼ିର ଗୋଟେ ସ୍ଥାନରେ କାଠ କୁଟା ଏକତ୍ର କରି ନିଆଁ ଲଗେଇଲା । ଟଙ୍କା ବଣ୍ଡୁଲରେ ଭର୍ତ୍ତିଥିବା ବ୍ୟାଗକୁ ନେଇ ସେଇଠାରେ ରଖିଲା । ପରେ ପରେ ସେଠି ବସି ଗୋଟେ ପରେ ଗୋଟେ ଟଙ୍କା ବଣ୍ଡୁଲକୁ ଜଳନ୍ତା ନିଆଁକୁ ଫିଙ୍ଗିଲା । କାଠ, କୁଟା ଓ କାଗଜ ଟଙ୍କାର ଧୂଆଁରେ ଆଖ ପାଖ ଅନ୍ଧାରିଆ ଦେଖା ଯାଉଥାଏ । ସେଇ ଅନ୍ଧାର ଭିତରେ ବଦ୍ରି ଖଣ୍ଡେ ଦୂରରେ ଠିଆହୋଇ ଆଶ୍ଚର୍ଯ୍ୟ ମିଶ୍ରିତ ଅପ୍ରସନ୍ନ ମୁଦ୍ରାରେ, ଅବିଶ୍ୱାସ ଭରା ଆଖିରେ ଜଳୁଥିବା ଟଙ୍କା ବଣ୍ଡୁଲର ନିଆଁକୁ ଦେଖୁଥାଏ ।

ବାସନ୍ତୀ କୋହକୁ ଚାପି ଲୁହକୁ ପିଇ କେବଳ ଏତିକି କହୁଥାଏ, "ଏଥର ଦେଖିବି କିଏ ମୋ ସହ କଳି ଝଗଡ଼ା କରିବ ନା କିଏ ମୋତେ ପିଟିବ? ସବୁ ସାରିଦେଇଛି ଯାହା ଗଚ୍ଛିତ ଥିଲା ସବୁ ପୋଡ଼ି ଜାଳି ପାଉଁଶ କରି ଦେଇଛି । ବାସ ! ସବୁ ଶେଷ... ।



ବାଣ୍ଢାଣୀ

ସ୍ୱରୂପ ଚନ୍ଦ୍ର ବାରିକ

ପାଠ ପଢ଼ି ଧନ ଯାଇଛି
ହେଲେ ହେଲାଣି ଡେରି,
ସାଙ୍ଗ ସାଥି ଯେତେ ଘରକୁ
ସବୁ ଆସିଲେ ଫେରି ।

ମା' ମନ ଭାରି ଅବୁଝା
କିଏ ବୁଝାଇ ଦେବ,
ପୁଅର ଫେରିବା ବାଟକୁ
ଚାହିଁ ପଚାରୁଥିବ ।

ଦେଖିଛ କି କେହି ଧନକୁ
ଟାଣ ହେଲାଣି ଖରା,
ନିଏନାହିଁ ଛତା-ଚପଲ
ଯେତେ କହିଲେ ପରା ।

ତାତିଥିବ ପଥ-ପଥର
କିସ କରିବ ଆଜ,
କଅଁଳ ପଦୁଅଁ ମୁହଁରେ
ଆଉ ନଥିବ ତେଜ ।

ଛାଡ଼ିବିନି ଆଉ ଖରାରେ
ପାଠ ନ ହେଉ ପଛେ,
ଆସିଲେ ରାଗିବ କଚାଡ଼ି
ବହି-ବସ୍ତାନି ମିଛେ ।

ବଡ଼ିଚୁରା-ଶାଗ-ପଖାଳ
ଦେବି ଯତନେ ବାଢ଼ି,
ଧନ ଆସୁଥିବ ଫେରି ଯେ
କେତେ ପାଠ ସେ ପଢ଼ି ।

ପାଠ ପଢ଼ି କଲେ ଚାକିରୀ
ଦୁଃଖ ଦେବ ଦୂରେଇ,
ବୋହୂଟିଏ ଘରେ ଆସିବ
ଯିଏ ଥିବ ପାଠୋଇ ।

ଚାଳଘର-ବତା ନ ଥିବ
ହେବ ରାଜ ଭବନ,
ଦେହେ ଲାଗିବନି ଆଉ ଏ
ଖରା-ଝାଞ୍ଜି ପବନ ।

କେତେ କଥା ଭାବି ମନରେ
ଆଜି ରହିଛି ଚାହିଁ,
ପାଠପଢ଼ା ସାରି ପୁଅ ତା'
ହେଲେ ଫେରିଲା ନାହିଁ ।

ବାୟାଣୀ ବୁଢ଼ୀଟା ଆଜି ବି
ଥିବ ସେମିତି ବସି,
ପୁଅ କି ଫେରିବ ଗାଆଁକୁ
ଲୋକେ କହନ୍ତି ହସି ।

ଛାଡ଼ି କି ଆସିବ ସହର-
ଘର ପାଠୋଇ ବୋହୂ,
କିସ ଯେ କରିବ ଗାଆଁରେ
ମୋହ ସେତିକି ଥାଉ ।

ଭୁଲିଛି ସେ ଶାଗ-ପଖାଳ
ମାଆ ପଣତ କାନି,
ମାଆ ଝୁରେ ଲୁହ ଝରାଇ
ପୁଅ ଆଉ ଫେରେନି ।

ମାଆ-ମାଟି କଥା ଯେବେରେ
ତା'ର ପଡ଼ିବ ମନେ,
କଥା ଦେଲି ପୁଅ ବାହୁଡ଼ି
ନିଶ୍ଚେ ଆସିବ ଦିନେ ।

ପୋଛି ଦେବ ମୁହଁ ପଣତେ
ମାଆ-ମମତାମୟୀ
ଭଲପାଏ ବୋଲି ଅନ୍ତରେ
ଦେବ ପୁଅକୁ କହି ।





ଆବଶ୍ୟକୀୟ ସାମଗ୍ରୀ:

୧. **ଫୁଲକୋବି:** ୪୦୦ ଗ୍ରାମ
୨. **ଆଳୁ:** ୧ଟା
୩. **ପାଳଙ୍ଗ ଶାଗ:** ୧ ବିଡ଼ା
୪. **ବେସର:** ୨/୩ ଚାମଚ

ପ୍ରସ୍ତୁତି ପ୍ରଣାଳୀ:

କୋବି ଓ ଆଳୁକୁ ଛୋଟ ଛୋଟ ଖଣ୍ଡ କରି କାଟି ରଖନ୍ତୁ । ବିଡ଼ାଏ ପାଳଙ୍ଗ ଶାଗକୁ ବଡ଼ ବଡ଼ କାଟନ୍ତୁ । କଡ଼େଇ ଗରମ କରି ସୋରିଷ ତେଲ ଗରମ କରନ୍ତୁ । ଶୁଖିଲା ଲଙ୍କା ଓ ଫୁଟଣ ଫୁଟାନ୍ତୁ । ସେଥିରେ କାଟି ରଖିଥିବା କୋବି ଓ ଆଳୁ ପକେଇ ସନ୍ତୁଳି ଦିଅନ୍ତୁ । ହଳଦୀ ଓ ସ୍ୱାଦ ଅନୁସାରେ ଲୁଣ ପକେଇ ଆଉ ଟିକେ ସନ୍ତୁଳି ଦିଅନ୍ତୁ । ଏବେ ବେସର ପକେଇ ଭଲଭାବେ ମିଶେଇ ନିଅନ୍ତୁ । ବେସର ଭଲଭାବେ ଗୋଳେଇ ହେଇଗଲା ପରେ ୨/୩ କପ୍ ପାଣି ଦେଇ ଘୋଡ଼େଇ ଦିଅନ୍ତୁ । ଫୁଟି ଆସିଲା ବେଳକୁ ସେଥିରେ ବଡ଼ ବଡ଼ କଟା ଯାଇଥିବା ପାଳଙ୍ଗ ଶାଗ ପକେଇ ଭଲ ଭାବେ ଗୋଳେଇ ନିଅନ୍ତୁ । ଏଥର ଘୋଡ଼ଣି ଘୋଡ଼େଇ ୧୦/୧୫ ମିନିଟ ମଧ୍ୟମ ଆଞ୍ଚରେ ଫୁଟାନ୍ତୁ । ଏବେ ପ୍ରସ୍ତୁତ ହେଇଗଲା ଫୁଲକୋବି ପାଳଙ୍ଗ ବେସର ।

- ତାପସ ରଞ୍ଜୀନ

ସମ୍ପର୍କର ଉଷ୍ମତା

ସ୍ୱର୍ଗ ବି ସଞ୍ଚରିଯାଏ ବିଶ୍ୱାସଟେ ହୋଇ
ପିତାର ପାପୁଲିଟି ତା' ମସ୍ତକରେ ପାଇ
ସବୁ ବିସର୍ଣ୍ଣତା ଯାଏ ନିମିଷେ ମିଳାଇ
ଶତ ସିଂହ ବଳ ମିଳେ ପିତା ହେଲେ ଛାଇ । (୧)

ଉତ୍ତପ୍ତ ନିଦାଘେ ମିଳେ ଏକ ସ୍ନିଗ୍ଧ ଶୀତଳ ସ୍ୱର୍ଗ
ମା'ର ପଣତ ସଦା ସ୍ନେହ କରୁଣା ମମତାସିକ୍ତ
ଲକ୍ଷ୍ମଣରେଖା ସତେ ମା'ର ସେ ଅଭୟ ବଳୟ
ଲହୁ ଲୁହ ଲିଭିଯାଏ ପାଇ ତା'ର ଅମୂଲ୍ୟ ପରଶ । (୨)

ହାତ ଗଣ୍ଠିରେ ମନ୍ତ୍ରର ଜଳ ସୀମନ୍ତର ସିନ୍ଦୂର
ଦେହ ମନ ପ୍ରାଣ ମିଶେ ହୋଇ ଜନ୍ମ ଜନ୍ମାନ୍ତର
ସୃଷ୍ଟି ହୁଏ ପୁଳାଏ ଏଠି ଅନାବୀଳ ଆତ୍ମୀୟତାର
ହାତପାହାନ୍ତାରେ ମିଳିଯାଏ ଉଷ୍ମତା ସମ୍ପର୍କର । (୩)

ଗଭୀର ଆବେଗ ନିବିଡ଼ତାର ଆଉ ଏକ ବନ୍ଧନ
ରେଶମୀ ଡୋରୀ ଖଣ୍ଡିକରେ ବନ୍ଧା କୋଟିଏ ସପନ
କଣ୍ଢେଇ ଯୁଦ୍ଧରୁ ଆରମ୍ଭ ହୁଏ ଭାଇଭଉଣୀଙ୍କ ଜୀବନ
ତ୍ୟାଗ ବଳିଦାନ ଭରା ହୃଦୟର ସମସ୍ତ ସ୍ପନ୍ଦନ । (୪)

ବନ୍ଧୁ ସଖା ସହୋଦର ସମ୍ପର୍କର ନିଆରା ସୂତ୍ରଧର
କୃଷ୍ଣ ସୁଦାମା ଓ କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ବନ୍ଧୁତ୍ୱ ଅସାର
ରକ୍ତ ସମ୍ପର୍କଠୁ ବଳି ମିଳେ ସଖାର ସର୍ବସ୍ୱ ବଳିଦାନ
ନିସ୍କପଟ ଛଳନାଶୂନ୍ୟ ଏକ ବିଭୂଦତ୍ତ ବରଦାନ । (୫)

ସଂସ୍ପର୍ଶ ସାନ୍ନିଧରୁ ଉତ୍ପତ୍ତି ନୁହେଁ ସମ୍ପର୍କର ଉଷ୍ମତା
ଚର୍ମ ସୁଖ ବଳିପଡ଼େ ହେଲେ ଚୈତନ୍ୟର ଅନୁକମ୍ପା
ସର୍ବୈକତ୍ୱ ବିଶ୍ୱ ଭାତୃତ୍ୱର ବୀଜବପନ ହିଁ ଆଧ୍ୟାତ୍ମିକତା
ଆତ୍ମା ପରମାତ୍ମା ମିଳନର ସେତୁ ହିଁ ସମ୍ପର୍କର ଉଷ୍ମତା ।(୬)



ମାନସ ରଞ୍ଜନ ନାୟକ


ସୌମ୍ୟା ପରିଡ଼ାଙ୍କ #ଏଣୁତେଣୁ

Tweets by : @saumyaparida2
Drawings: @sambeetarts



ମତେ ଆଲୁଅଠୁ ଅନ୍ଧାର ବେଶି ଆପଣାର ଲାଗେ। ଆଲୁଅରେ ମୁଁ କେବେକେବେ ହଜିଯାଏ ହେଲେ ଅନ୍ଧାରରେ ମୁଁ ମୋ ନିଜକୁ ପାଏ ।

ଭଲପାଇକି ନମସ୍କାର କରିବାଠୁ ଅନିଚ୍ଛାକୃତ ମୁଣ୍ଡିଆକୁ ଆମେ ଅଧିକ ଗୁରୁତ୍ୱ ଦେଉ ।





୨୦୨୦ କେବଳ ଆମଠୁ ସବୁ ଛଡ଼େଇ ନେଇନି ବରଂ ନିଜକୁ ପାଖରୁ ବୁଝିବାର ସମୟ ବି ଦେଇଛି...

ଜୀବନ ବଡ଼ ନା ଜୀବନଶୈଳୀ? Life matters or LifeStyle ମୋ ଘର, ମୋ ଜାଗା, ମୋ ଗାଡ଼ି ! ସେମିତି "ମୋ ଗଛ" କଥା ଯଦି ଭାବିବା ତାହେଲେ ପିଇବା ପାଣି ବୋତଲ ପରି ଆଗକୁ ନିଶ୍ୱାସ ନେବାକୁ ଭଲ ବାୟୁ କିଣିବାକୁ ପଡ଼ିବନି ।



ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com

ୟୁ-ଟ୍ୟୁବ୍: http://youtube.com/Shubhapallaba

ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba

ୱେବ୍‌ସାଇଟ୍: http://shubhapallaba.in

WhatsApp: +91 7008899643

©Shubhapallaba